# ବିଲ ମଝିରୁ ଶିବ ଲିଙ୍ଗ ଠାବ

**ଯାଜପୁର,୨୧।୨(ସମିସ):** ଯାଜପୁର ପୌରପାଳିକା ଅନ୍ତର୍ଗତ ୧୬ନମ୍ବର ୱାର୍ଡର ଅନିରୁଦ୍ଧପୁର ଶାସନ ଅଞ୍ଚଳରୁ ଶିବ ଲିଙ୍ଗ ଠାବ କରାଯାଇଛି। ଦେବୀ ପ୍ରସାଦ ପତି ନିଜ ବିଲରୁ ମାଟି ଉଠାଇବା ସମୟରେ ସେଠାରୁ ଏକ ୪ ଫୁଟ ଉଚ୍ଚର ଶିବ ଲିଙ୍ଗ ଠାବ କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ଦେଖିବାକୁ ପ୍ରବଳ ଭିଡ଼ ଲଗାଇଛନ୍ତି। ତେବେ ଏହି ଶିବ ଲିଙ୍ଗକୁ ପୂଜାର୍ଚ୍ଚନା କରିବା ପାଇଁ କେତେକ ଲୋକେ ମଧ୍ୟ ମତ ଦେବା ପରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।



# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୁକିନ୍ଦା,୨୧।୨(ସମିସ):** ସୁକିନ୍ଦା ଥାନା ପୁଲିସ ରଘୁନାଥପୁର ମଙ୍ଗଳାଶାଳ ନିକଟରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ, ରଘୁନାଥପୁର ଗ୍ରାମର ଅଲେଖ ଦେହୁରୀଙ୍କ ପୁଅ ଶୁଶାନ୍ତ ଦେହୁରୀ ସ୍ଥାନୀୟ ମଙ୍ଗଳା ମନ୍ଦିର ଭିତରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ଜେଇଇ ମେନ୍‌ରେ ଭିବ୍‌ଗିୟୋରର ସଫଳତା




**ଯାଜପୁର ଟାଉନ,୨୧।୨(ସମିସ):** ଯାଜପୁର ବ୍ଲକ ଏନ୍‌ସି କଲେଜ ନିକଟରେ ଥିବା ଭିବଗିୟୋର ଆବାସିକ ଶିକ୍ଷାନୁଷ୍ଠାନ ଦେଶର ପ୍ରମୁଖ ପ୍ରବେଶିକା ପରୀକ୍ଷା ଜେଇ ମେନରେ ପୁଣି ଥରେ ଅସାଧାରଣ ସଫଳତା ହାସଲ କରିଛି। ତାହାର ଉତ୍କୃଷ୍ଟ ପରମ୍ପରାକୁ ଅବ୍ୟାହତ ରଖିଛି। ଗତ ତିନି ବର୍ଷ ଧରି ସମସ୍ତ ଅଲ୍ ଇଣ୍ଡିଆ ଏଣ୍ଟ୍ରାନ୍ସ ପରୀକ୍ଷାରେ ଶ୍ରେଷ୍ଠ ଫଳାଫଳ ଦେଇ ଆସୁଥିବା ଏହି ସଂସ୍ଥା ଏବର୍ଷ ମଧ୍ୟ ସଫଳତାର ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଚଳିତ ବର୍ଷ ଜେଇ ମେନ୍-୨୦୨୬ ପରୀକ୍ଷାରେ ଭିବ୍‌ଗିୟୋର ଶିକ୍ଷାନୁଷ୍ଠାନର ଚାରିଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଅନୁଷ୍ଠାନ ଏବଂ ସମଗ୍ର ଯାଜପୁର ସହରକୁ ଗର୍ବିତ କରିଛନ୍ତି। ଉକ୍ତ ପରୀକ୍ଷାରେ ୯୭.୩ ପ୍ରତିଶତ ନମ୍ବର ରଖି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି ରୋଶନୀ ପରୱିନ୍। ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଶୁଭମ ବିଶ୍ୱାଳ (୯୪.୮ ପ୍ରତିଶତ)। ସେହିପରି ବିଷ୍ଣୁପ୍ରିୟା ପାଢ଼ୀ (୯୨.୮ ପ୍ରତିଶତ) ଏବଂ ଆଦିତ୍ୟା ସାମଲ୍ (୯୦.୮ ପ୍ରତିଶତ) ନମ୍ବର ପାଇ ଶିକ୍ଷାନୁଷ୍ଠାନକୁ ଗୌରବନ୍ୱିତ କରିଛନ୍ତି।

# ମହିଳା ଆତ୍ମରକ୍ଷା ତାଲିମ ଶିବିର



**ସୁକିନ୍ଦା,୨୧।୨(ସମିସ):** ସୁକିନ୍ଦା ମହାବିଦ୍ୟାଳୟରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ଓ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଏହି ଶିବିରର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧ୍ୟାପିକା ସୁଚିତ୍ରା ଦାସ, ପୁଷ୍ପାଞ୍ଜଳି ସାହୁ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସୁଚିସ୍ମିତା ବାରିକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଅବସରରେ ମହାବିଦ୍ୟାଳୟର ସମସ୍ତ ଛାତ୍ର,ଛାତ୍ରୀ, ଅଧ୍ୟାପକ,ଅଧ୍ୟାପିକା ଉପସ୍ଥିତ ଥିଲେ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



**ବଡଚଣା,୨୧।୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ପ୍ରଥମ ବର୍ଷ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସଂଯୋଜିକା ଅଧ୍ୟାପିକା ଡ. ସରିତା ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଳା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ନାରାୟଣ ଚନ୍ଦ୍ର ମୁଦୁଲି ଯୋଗଦେଇ ସାଂପ୍ରତିକ ସମାଜରେ ନାରୀମାନେ କିପରି ଶୋଷଣମୁକ୍ତ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗ ଅଧ୍ୟାପକ କିଶୋର କୁମାର ସାହୁ, ବିଭାଗୀୟ କିରାଣି ସୁମନ୍ତ କୁମାର ଦାଶ, ଅଧ୍ୟାପିକା ଦିପ୍ତୀ ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷିକା ସ୍ମୃତିରେଖା ବିଶ୍ୱାଳ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ମୁଖ୍ୟଅତିଥି ଶ୍ରୀଯୁକ୍ତ ମାହାଲା ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ବନ୍ଦ ଘରୁ ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବିଞ୍ଝାରପୁର,୨୧।୨(ସମିସ):**

ଅଳକୁଣ୍ଡ ଥାନା ଅଧୀନସ୍ଥ କପିଳା ପଞ୍ଚାୟତ କପିଳା ଗ୍ରାମର ଜଣେ ନବବଧୂ ଆତ୍ମହତ୍ୟା କରିଛନ୍ତି। ଘଟଣାମୁତାବକ କପିଳା ଗ୍ରାମର ରମାକାନ୍ତ ପଣ୍ଡାଙ୍କ ସାନପୁଅ ସତ୍ୟବ୍ରତ ରାଜ୍ୟ ବାହାରେ ନାଗାଲାଣ୍ଡର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟକରନ୍ତି। କପିଳା ଗ୍ରାମରେ ଶାଶୂଶଶୁରଙ୍କ ନିକଟରେ ରହୁଥିବା ସତ୍ୟବ୍ରତଙ୍କର ସ୍ତ୍ରୀ ସନ୍ତୋଷୀ (୨୩) ଶୁକ୍ରବାର ସନ୍ଧ୍ୟାରେ ନିଜର ୨ବର୍ଷର ଶିଶୁପୁତ୍ରକୁ ଛାଡ଼ି ନିଜ ଶୋଇବା ଘର ଭିତର ପଟୁ କବାଟକିଳି ଦେଇଥିଲେ। କିଛି ସମୟ ପରେ ପୁଅକୁ ଛାଡ଼ି ବୋହୂ କୁଆଡ଼େ ଗଲା ବୋଲି ଶାଶୂ ଶଶୁର ଡାକ ଦେବାରୁ ବୋହୂ ସନ୍ତୋଷୀ ଆଉ ଶୁଣି ନ ଥିଲେ। ପରେ ଶୋଇବାଘର



ଭିତର ପଟୁ କବାଟ ଦିଆଯାଇଥିବା ଦେଖି ଝରକା ବାଟେ ବୋହୂକୁ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇ ଅଳକୁଣ୍ଡ ପୁଲିସ ଓ ସନ୍ତୋଷୀର ବାପଘରକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇଁ ଅଳକୁଣ୍ଡ ପୁଲିସ ଓ ମୃତ ସନ୍ତୋଷୀର ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ସନ୍ତୋଷୀଙ୍କ ବାପା ରତିକାନ୍ତ ପଣ୍ଡା ମାନସିକ ଯାତନା ଦେବା ସହିତ ତାଙ୍କ ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଇଛି ବୋଲି ଅଳକୁଣ୍ଡ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ରତିକାନ୍ତଙ୍କ ଅଭିଯୋଗ ପରେ ପୁଲିସ ସନ୍ତୋଷୀଙ୍କ ଶୋଇବା ଘରକୁ ସିଲ୍ କରିବା ସହିତ ରାତି ହୋଇଯାଇଥିବାରୁ ଘଟଣାସ୍ଥଳରେ ଦୁଇ ଜଣ କନଷ୍ଟେବଳ ମୁତୟନ କରିଥିଲେ। ପରେ ଶନିବାର ପୂର୍ବାହ୍ନରେ ଅଳକୁଣ୍ଡ ଥାନାଧିକାରୀ ବିଭୁପ୍ରସାଦ ରାଉତ, ମାଜିଷ୍ଟ୍ରେଟ ବିଞ୍ଝାରପୁର ତହସିଲର ତହସିଲଦାର ସାରସ୍ୱତ ସାହୁ, ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ ଓ ସାଇଣ୍ଟିଫିକ ତଦନ୍ତକାରୀ ଟିମ୍‌ଙ୍କ ଉପସ୍ଥିତିରେ ସନ୍ତୋଷୀଙ୍କ ଶୋଇବାଘର କବାଟ ତାଡ଼ି ସନ୍ତୋଷୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ନେଇ ଅଳକୁଣ୍ଡ ପୁଲିସ ଏକ ମାମଲା ୨୮/୨୬ରେ ରୁଜୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରକାଶଥାଉକି ଗତ ୨୦୨୨ ମସିହା ଡିସେମ୍ବର ମାସରେ ଯାଜପୁର ଥାନା ଅଞ୍ଚଳ ବାଲିଆ ଗ୍ରାମର ରତିକାନ୍ତ ପଣ୍ଡାଙ୍କର ଝିଅ ସନ୍ତୋଷୀଙ୍କ ସହିତ ସତ୍ୟବ୍ରତଙ୍କ ବୈଦିକମତେ ବାହାଘର ହୋଇଥିଲା।

# ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପକୁ ଅବହେଳା

**ଯାଜପୁର,୨୧।୨(ସମିସ):** ରାଜ୍ୟ ବଜେଟରେ ପାଞ୍ଚଟି ରେଳ ପ୍ରକଳ୍ପ ପାଇଁ ବ୍ୟୟବରାଦ କରାଯାଇଥିଲା ବେଳେ ଯାଜପୁର ରୋଡ୍-ଧାମରା ରେଳ ପ୍ରକଳ୍ପ ପାଇଁ ବ୍ୟୟ ବରାଦ କରାଯାଇନାହିଁ। ଯାହାକୁ ନେଇ ଏହି ପ୍ରକଳ୍ପ ଉପରେ ନିର୍ଭର କରିବାକୁ ଥିବା ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଯଦି ବ୍ୟୟବରାଦ କରିଥାନ୍ତେ, ତେବେ ତାହା କେନ୍ଦ୍ର ସରକାରଙ୍କ ଉପରେ ନୈତିକ ଚାପ ସୃଷ୍ଟି କରିଥାନ୍ତା ବୋଲି ଯାଜପୁରରୋଡ୍ ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ପିଇଓଙ୍କ ସ୍ୱାମୀଙ୍କ ଦବଙ୍ଗଗିରି

**ବିଞ୍ଝାରପୁର,୨୧।୨(ସମିସ):** ପିଇଓଙ୍କ ବଦଳରେ ପିଇଓଙ୍କ ସ୍ୱାମୀ ଭତ୍ତା ବାଣ୍ଟିବାକୁ ନେଇ ବଚସା ଓ ପରେ ପିଇଓଙ୍କ ସ୍ୱାମୀଙ୍କ ଦବଙ୍ଗଗିରି ଘଟଣାର ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିବା ସହିତ ବିଞ୍ଝାରପୁର ଅଞ୍ଚଳରେ ଖବରର ଶିରୋନାମା ପାଲଟିଛି। ଖବରମୁତାବକ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତର କାର୍ଯ୍ୟାଳୟରେ ଶନିବାର ବାର୍ଦ୍ଧକ୍ୟ ଭତ୍ତା ପିଇଓ ରଶ୍ମିତା ବେହେରାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ବିଜୟ ସାହୁ ହିତାଧିକାରୀଙ୍କୁ ବଣ୍ଟନ କରୁଥିଲେ। ବିଜୟଙ୍କ ଭତ୍ତା ବଣ୍ଟନକୁ ନେଇ ସେହି ଗ୍ରାପର ସନ୍ତୋଷ କୁମାର ଧଳ, ତୁମେ କିଏ ପିଇଓଙ୍କ ବଦଳରେ ଭତ୍ତା ବଣ୍ଟନ କରୁଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ପିଇଓଙ୍କ ସ୍ୱାମୀ ବିଜୟ ନିଜକୁ ବିଜେପିର ବଡ଼ ସମର୍ଥକ ବୋଲି କହିବା ସହିତ ମୋ ନାମରେ କେଉଁଠି ଅଭିଯୋଗ କରିବା କର ମୋର କେହି କିଛି କରି ପାରିବେ ନାହିଁ ବୋଲି ଧମକ ଦେଇଥିଲେ। ପିଇଓଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ସରକାରୀ କାର୍ଯ୍ୟ କରିବା କେତେ ସମୀଚିନ ତାହା ସାଧାରଣରେ ଆଲୋଚନା ହେଉଛି। ତେବେ ଏହି ଘଟଣାକୁ ନେଇ ଉଭୟ ପକ୍ଷ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ବେଳେ ଗ୍ରାପର ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଓ ଅନ୍ୟ ଭଦ୍ରବ୍ୟକ୍ତିମାନେ ମାମଲାର ସମାଧାନ କରିବାକୁ ଉଦ୍ୟମ ଚଳାଇଛନ୍ତି।

● ଧାନ କିଣାରେ ବ୍ୟାପକ ଅନିୟମିତତା

# ପ୍ରତିବାଦରେ ଗଣଧାରଣା ଚେତାବନୀ

**ସିଂହପୁର,୨୧।୨(ସମିସ):** ଚଳିତ ବର୍ଷ ସମିତିରେ ଧାନ ସମସ୍ୟା ସୁଧୁରୁନାହିଁ। କେଉଁ ସମିତିକୁ ଧାନ ଗାଡ଼ି ଆସୁନି ତ କେଉଁଠି ସମିତି ସମ୍ମୁଖରେ ଧାନ ରଖି ଦିନ ରାତି ଚାଷୀ ଧାନ ଜଗି ରହି ରାତି ଉଜାଗର ହେଉଥିବା ସମସ୍ୟା ଦେଖିବାକୁ ମିଳୁଛି। ଏହି ପରି ଜରି ସମିତିରେ ସମସ୍ୟା ଯୋଗୁଁ ଜରି ପଞ୍ଚାୟତ ବିଜେଡି ଓ ଚାଷୀ ମାନେ ସମିତି ସମ୍ମୁଖରେ ଆସନ୍ତା ୨୪ ତାରିଖରେ ଗଣଧାରଣା ଓ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ଜରି ସମିତିରେ ଧାନ କ୍ରୟ ପାଇଁ ଟୋକନ ମିଳିଲା କିଛି କାରଣ ନ ଥାଇ ୨୫ରୁ ୩୦ ପ୍ରତିଶତ ଧାନ ବିକ୍ରୟ କମାଇ ଦିଆଗଲା। ଏହା ଚାଷୀଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇଛି। ମିଲରଙ୍କ ମନମାନୀ ଯୋଗୁଁ ଏ ପର୍ଯ୍ୟନ୍ତ ମାତ୍ର ୨୫ ପ୍ରତିଶତ ଧାନ ମଧ୍ୟ ବିକ୍ରି କରି ପାରି ନାହାଁନ୍ତି। ସରକାର କଟନୀ ଛଟନୀ ହେବନି କହୁଥିବା ବେଳେ କ୍ୱିଣ୍ଟାଲରେ ୭ କେଜି କଟାଯାଉଛି। ପଞ୍ଜିକୃତ ଚାଷୀଙ୍କୁ ଖୋଟ ଅଖା ଯୋଗାଇ ନ ଦେଇ ହଟହଟା କରାଯାଉଛି। କୃଷକ ମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ଦାବି କରି ଆଜି ଯାଜପୁର ଜିଲ୍ଲାପାଳ, ବିଞ୍ଝାରପୁର କନିଷ୍ଠ କୃଷି ଅଧିକାରୀ, ଶାଖା ପରିଚାଳକ କୃଷି ସମବାୟ ବ୍ୟାଙ୍କ, ଜରି ସମିତି ସଂପାଦକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉମେଶ ଚନ୍ଦ୍ର ଦାସ, ସରପଞ୍ଚ ନନ୍ଦ କିଶୋର ମଲ୍ଲିକ, ପ୍ରଦ୍ୟୁମ୍ନ ପାତ୍ର, ସୁବ୍ରତ କୁମାର ସାମଲ, ସମିତିସଭ୍ୟ ଅନସୂୟା ମଲ୍ଲିକ, ପ୍ରମୋଦ ସାମଲ, ମନୋଜ କୁମାର ସାମଲ, ଅମର ମଲ୍ଲିକ, ପ୍ରତାପ ପାତଙ୍କ ସମେତ ବହୁ ଚାଷୀ ମାନେ ଦାବି କରିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ ୨୪ ତାରିଖରେ ଜରି ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସମିତି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଆରପାରିରେ ସୁକିନ୍ଦାଗଡ଼ର ରାଣୀ ସ୍ମୃତି ମଞ୍ଜରୀ ଦେବୀ



**ସୁକିନ୍ଦା,୨୧।୨(ସମିସ):** ସୁକିନ୍ଦାଗଡ଼ ରାଜପରିବାରର ରାଣୀ ତଥା ସୁକିନ୍ଦାଗଡ଼ର ରାଜାସାହେବ ଭୁଦେବଭୂପତି ହରିଚନ୍ଦନ ମହାପାତ୍ରଙ୍କ ଧର୍ମପତ୍ନୀ ସ୍ମୃତିମଞ୍ଜରୀ ଦେବୀ(୭୮)ଙ୍କ ଶନିବାର ଦେହାନ୍ତ ଘଟିଛି। ଗତ କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ କଳିଙ୍ଗନଗର ସ୍ଥିତ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପାଳଲହଡ଼ା ରାଜ ପରିବାରର ଝିଅ ଥିଲେ ଏବଂ ଜଣେ ଧର୍ମ ପରାୟଣା, ସ୍ନେହୀ, ମେଳାପି ସ୍ୱଭାବର ମହିଳା ଥିଲେ। ତାଙ୍କ ଦେହାନ୍ତ ଖବର ଶନିବାର ପ୍ରଘଟ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମରଶରୀରକୁ ପ୍ରଥମେ ସୁକିନ୍ଦା ରାଜ୍ ଉଆସକୁ ଅଣାଯାଇଥିଲା। ସେଠାରେ ବିଧିଅନୁଯାୟୀ କର୍ମ ପରେ ପରିବାର ଲୋକ ଓ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ବଡ଼ଦାଣ୍ଡରେ ଶୋଭାଯାତ୍ରାରେ ନିଆଯାଇଥିଲା। ରାଣୀଙ୍କ ଶେଷ ଦର୍ଶନ କରିବା ପାଇଁ ବଡ଼ଦାଣ୍ଡରେ ଶହଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଣୀଙ୍କ ଶେଷ ଇଚ୍ଛା ଅନୁସାରେ ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସଂପନ୍ନ ହୋଇଛି। ସୁକିନ୍ଦା ତଥା ଆଖପାଖ ଅଞ୍ଚଳର ଶତାଧିକ ଲୋକ ସୁକିନ୍ଦା ରାଜଉଆସ ନିକଟରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଏହି ଦୁଃଖଦ ଖବର ପାଇ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପ୍ରୀତିରଞ୍ଜନ ଘଡ଼ାଇ, ଶରତ ରାଉତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ମଙ୍ଗଳପୁର,୨୧।୨(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ସମ୍ମୁଖ ପଡ଼ିଆଠାରେ ନେତାଜୀ କ୍ଲବ ଆନୁକୂଲ୍ୟରେ ଶନିବାର ୧୭ତମ ଜିଲ୍ଲାସ୍ତରୀୟ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ମଙ୍ଗଳପୁର ଥାନାର ଆଇଆଇସି ରଞ୍ଜନ କୁମାର ବେହେରା ଯୋଗ ଦେଇ ଉଦଘାଟନ କରିଥିବଲେ। ଏଥିରେ ସମ୍ମାନିତ ଅତିଥି ଭାବେ କମାରଡିହ ପାକ୍ସ ସଭାପତି ଭାଗୀରଥି ସାହୁ, କମାରଡିହ ପଞ୍ଚାୟତର ଯୁବ ସମାଜସେବୀ ପ୍ରିୟବ୍ରତ ବିଶ୍ୱାଳ, ନେତାଜୀ କ୍ଲବର ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ କୁଳସାହି ଓ କରାଣ୍ଡିପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିଣି କରାଣ୍ଡିପୁର ନିର୍ଦ୍ଧାରିତ ୮ ଓଭରରେ ୪ ୱିକେଟ ହରାଇ ୭୪ ରନ ସଂଗ୍ରହ କରିଥିବା ବେଳେ ଜବାବରେ କୁଳସାଇ କ୍ରିକେଟ ଟିମ ୮ ଓଭରରେ ୪ ୱିକେଟ ହରାଇ ୬୮ ରନ ସଂଗ୍ରହ କରି ପରାଜିତ ହୋଇଥିବା ବେଳେ କରାଣ୍ଡିପୁର କ୍ରିକେଟ ଟିମ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲେ। ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ନୂଆପାଟଣା ଓ ଏସ୍‌ଜି କଲେଜ ବୌଳାଙ୍ଗ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପାଟଣା ଟସ ଜିଣି ୮ ଓଭରରେ ୨ ୱିକେଟ ହରାଇ ୧୧୮ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଏସଜି କଲେଜ ଟିମ ୮ ଓଭରରେ ୯ ୱିକେଟ ହରାଇ ୪୮ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ନୂଆପାଟଣା ଓ କରାଣ୍ଡିପୁର ମଧ୍ୟରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ନୂଆପାଟଣା ୮ ଓଭରରେ ୬ ୱିକେଟ ହରାଇ ୫୫ ରନ ସଂଗ୍ରହ କରିଥିଲା। ଜବାବରେ କରାଣ୍ଡିପୁର ୬ ଓଭରରେ ୪ ୱିକେଟ ହରାଇ ୫୬ ରନ ସଂଗ୍ରହ କରି ଫାଇନାଲକୁ ଉନ୍ନୀତ ହୋଇଥିଲା। ଅଜିତ କୁମାର ମଲ୍ଲିକ, ସୁନୀଲ କୁମାର ନାୟକ ଓ ବିଶ୍ୱଜିତ ନାୟକ ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ ନିର୍ମଳ କୁମାର ଯେନା, ସନ୍ତୋଷ କୁମାର ପଣ୍ଡା ଭାଷ୍ୟକାର ଏବଂ ସୁଶାନ୍ତ କୁମାର ଯେନା, ରଞ୍ଜିତ କୁମାର ପଣ୍ଡା ସ୍କୋରବୋର୍ଡ ଦାଇତ୍ୱ ତୁଲାଇଥିଲେ। କ୍ଲବର ସଭ୍ୟ ସୁବ୍ରତ କୁମାର ଯେନା, ଲକ୍ଷ୍ମଣ ସେଠୀ, ସୁବାସ ମଲ୍ଲିକ, ବିଶ୍ୱଜିତ ପଣ୍ଡା, କ୍ଲବର ସମ୍ପାଦକ ଆରତ ରଞ୍ଜନ ନାୟକ, ନିରଞ୍ଜନ ବାରିକ, ପତିତପାବନ ପଣ୍ଡା, ମନୋରଞ୍ଜନ ମଲ୍ଲିକ, ଲିପୁ ଯେନା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାର୍ଥନା କରିବାକୁ କେନ୍ଦ୍ର କରି ଗଣ୍ଡଗୋଳ; ୨ ଗୁରୁତର

**କୁଆଖିଆ,୨୧।୨(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ଗୋପିନାଥପୁର ସଂଖ୍ୟାଲଘୁ ସାହିରେ ମସ୍‌ଜିଦରେ ପ୍ରାର୍ଥନା କରିବାକୁ କେନ୍ଦ୍ରକରି ଆଜି ଅପରାହ୍ନରେ ଗଣ୍ଡଗୋଳ ହୋଇଛି। ଏହି ଗଣ୍ଡଗୋଳରେ ତିନିଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଖବରପାଇ କୁଆଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ମଧୁବନ ସିଏଚ୍‌ସିକୁ ଚିକିତ୍ସା ପାଇଁ ପଠାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ଦୁଇଜଣଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଅନୁସାରେ ମୁସ୍ତାକିନ୍ ଖାନ୍ (୭୨) ଓ ତାଙ୍କ ପୁଅ ଗୁଲାମ ମହମ୍ମଦ(୩୬) ସାହିରେ ଥିବା ମସଜିଦକୁ ପ୍ରାର୍ଥନା କରିବାକୁ ଯାଇଥିଲେ। ମସ୍‌ଜିଦରେ ଚେୟାର ପକାଇବାକୁ କେନ୍ଦ୍ରକରି ସେହି ଗ୍ରାମର ସମସେର ଖାନ୍ ଓ ତାଙ୍କ ଭାଇଙ୍କ ଉଚ୍ଚବାଚ ହୋଇ ସେଠାରେ ମାଡ଼ଗୋଳ ମଧ୍ୟ ହୋଇଥିଲା। ତେବେ ପ୍ରାର୍ଥନା ସାରି ଉଭୟ ପକ୍ଷ ଘରକୁ ଫେରିବା ପରେ ପୁଣି ସେମାନଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ଏଥିରେ ମୁସ୍ତାକିନ୍, ଗୁଲାମ ଓ ସାହାଜାନ ଆହତ ହୋଇଛନ୍ତି। ମୁସ୍ତାକିନ୍ ଓ ଗୁଲାମ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଉଭୟପକ୍ଷରୁ କୁଆଖିଆ ଥାନାରେ ଅବିଯୋଗ କରାଯାଇଛି।

# ଅଗ୍ନିକାଣ୍ଡରେ ତିନି ବଖରା ଜଳିଗଲା

**ବିଞ୍ଝାରପୁର,୨୧।୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ-ଚନ୍ଦନପୁର ପଞ୍ଚାୟତ କଳରାପାଳ କୁଳସାହି ଗ୍ରାମର ରବିନ୍ଦ୍ର ମଲ୍ଲିକଙ୍କ ଘର ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ତିନି ବଖରା ଘର ଭସ୍ମିଭୂତ ହୋଇଯାଇଛି। ଘଟଣା ମୁତାବକ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଳେଇ-ଚନ୍ଦନପୁର ପଞ୍ଚାୟତ କଳରାପାଳ କୁଳସାହି ଗ୍ରାମର ରବୀନ୍ଦ୍ର ମଲ୍ଲିକ ଓ ତାଙ୍କ ପରିବାର ସବୁ ଦିନ ପରି ଶୁକ୍ରବାର ରାତିରେ ଖାଇ ଶୋଇବାକୁ ଯାଇଥିଲେ। ହେଲେ ରବୀନ୍ଦ୍ର ବିଳମ୍ବିତ ରାତିରେ ପରିସ୍ରା କରିବାକୁ ଉଠିବାରୁ ତାଙ୍କ ଘର ଜଳୁଥିବାର ଦେଖି ନିଆଁ ଲିଭାଇବା ପାଇଁ ସାହି ପଡ଼ୋଶୀଙ୍କୁ ସାହାଯ୍ୟ ପାଇଁ ଡାକ ପକାଇଥିଲେ। ରବୀନ୍ଦ୍ରଙ୍କ ଡାକଶୁଣି ପାଖ ପଡ଼ୋଶୀ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ନିଆଁକୁ ଆୟତ କରିପାରି ନଥିଲେ। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇ ଥିଲା। ହେଲେ ସେତେବେଳକୁ ରବୀନ୍ଦ୍ରଙ୍କ ତିନି ବଖରା ଘର ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଭସ୍ମିଭୂତ ହୋଇଯାଇଥିଲା।

# ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ଆଇନ ସୁବର୍ଣ୍ଣ ଜୟନ୍ତୀ



**ଯାଜପୁର,୨୧।୨(ସମିସ):**

ବନ୍ଧକ ଶ୍ରମ ପ୍ରଥା ଉଚ୍ଛେଦ ଆଇନ-୧୯୭୬ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା ପରିଷଦ ଆଇଜେଏମ୍ ଏବଂ ଉତ୍କଳ ସେବକ ସମାଜର ମିଳିତ ସହଯୋଗରେ ଯାଜପୁର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସିଡିଓ ଦେବୀ ପ୍ରସାଦ ମହାନ୍ତି ଯୋଗଦେଇ ଏହି ଆଇନର ସଫଳ ରୂପାୟନ ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଏବଂ ସାମଗ୍ରୀକ ଜନସଚେତନତା ସୃଷ୍ଟି ଆଇନର ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି କହିଥିଲେ। ଜିଲ୍ଲା ପରିଷଦର ପିଏମ/ଏସ୍‌ଡି ମଧୁମିତା ପୃଷ୍ଟି ଯାଜପୁର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ବନ୍ଧକ ଶ୍ରମିକ ମୁକ୍ତ ଓଡିଶା ଲକ୍ଷ୍ୟରେ ଗଠିତ ରାଜ୍ୟସ୍ତରୀୟ ମଞ୍ଚ 'ସୁରକ୍ଷା'ର ଆବାହକ ଆଇନଜୀବୀ ଅମିୟ ଭୂଷଣ ବିଶ୍ୱାଳ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଏବଂ ଅତିରିକ୍ତ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ ଯୋଗଦେଇ ବନ୍ଧକ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର ଓ ପୁନର୍ବାସ ଦିଗରେ ନିଜ-ନିଜ ଅନୁଭବ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସରପଞ୍ଚ, ସିଡିପିଓ, ସୁପରଭାଇଜରମାନେ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଉତ୍କଳ ସେବକ ସମାଜର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ଏବଂ ଆଇଜେଏମର ଡିଭିଜନ ମୁଖ୍ୟ ଅମିତ କୁମାର ନାୟକ କାର୍ଯ୍ୟକ୍ରମଟିକୁ ସଞ୍ଚାଳନ କରିଥିଲେ। ଓଡିଶାକୁ ବନ୍ଧକ ଶ୍ରମମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଉପସ୍ଥିତ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଅମିତ କୁମାର ନାଗ ଧନ୍ୟବାଦ ପ୍ରଦାନ କରିଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ:
୦୮.୧୨.୧୯୩୪

ତିରୋଧାନ:
୧୨.୦୨.୨୦୨୬

୰ସରସ୍ୱତୀ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ, ନାତି- ସୂର୍ଯ୍ୟକାନ୍ତ ତ୍ରିପାଠୀ, ନାତୁଣୀ- ଅଙ୍କିତା ତ୍ରିପାଠୀ ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ

ସୌଜନ୍ୟ- P and A Advertising Agency Pvt. Ltd.
C/1290, 1st Floor, CDA, Sector-VI, Cuttack-753014

# ଖୋଲା ଆକାଶ ତଳେ ଧାନ; ଚାଷୀଙ୍କୁ ଘାରିଛି ମଣ୍ଡି ଚିନ୍ତା

ବନ୍ତ/ଆଗରପଡ଼ା,୨୧।୨(ସମିସ)



ଜିଲ୍ଲା ସାରା ଧାନକିଣାରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ବନ୍ତ ବ୍ଲକର ଅଧିକାଂଶ ସମିତିରେ ମଧ ଧାନକିଣାରେ ଲାଗି ରହିଥିବା ଅବ୍ୟବସ୍ଥା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ମିଲର୍ ଆସୁନଥିବାରୁ ଅଧିକାଂଶ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିଛି ଚାଷୀଙ୍କ ବସ୍ତା ବସ୍ତା ଧାନ। ଗତ ଜାନୁଆରି ୫ ତାରିଖରୁ ବିଭିନ୍ନ ମଣ୍ଡି ଉଦ୍‌ଘାଟନ ହେବା ସହ ସେହି ଦିନ ଚାଷୀଙ୍କୁ ଟୋକନ ମେସେଜ୍ ଆସିବା ଆରମ୍ଭ ହୋଇଥିଲା। କିନ୍ତୁ ମଣ୍ଡିରେ ଧାନ କିଣା ନିର୍ଦ୍ଧାରିତ ସମୟରେ ହୋଇ ନଥିଲା। ଫଳରେ ବହୁ ଚାଷୀ ବାହାର ରାଜ୍ୟର ଦଲାଲଙ୍କ ହାତରେ ସ୍ୱଳ୍ପ ମୂଲ୍ୟରେ ଅମଳ ଧାନ ଟେକି ଦେଇଥିଲେ। ପରେ ୨୦ ଦିନ ବିଳମ୍ବରେ ବ୍ଲକ୍‌ର ୧୮ଟି ମଣ୍ଡିରେ ଧାନ ପକାଇବା ଆରମ୍ଭ କରିଥିଲେ ଚାଷୀ। ପ୍ରଥମରୁ ମିଲରଙ୍କ ଅସହଯୋଗ ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ରହିଥିବା ହେତୁ ବିଭିନ୍ନ ମଣ୍ଡିରେ ଖରା କାକରରେ ପଡ଼ି ରହିଥିବା ଧାନ ଉଠି ନ ପାରିବା ଫଳରେ ଧାନ ନଷ୍ଟ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଚଳିତ ବର୍ଷ ବ୍ଲକରେ ୧୩,୬୧୪ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲା ବେଳେ ୮୫୦୨ଜଣ ଚାଷୀଙ୍କ ନିକଟରୁ ୩,୧୫,୦୫୯କ୍ୱିଣ୍ଟାଲ ଧାନ କିଣିବା ନିମନ୍ତେ ଟାର୍ଗେଟ୍ ଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ୫୮୬୧ ଜଣଙ୍କ ଚାଷୀଙ୍କ ଠାରୁ ୨୬୯୨୮୯.୬୩ କ୍ୱିଣ୍ଟାଲ ଧାନ କିଣାଯାଇଥିଲା ବେଳେ ମିଲଭ ୨୨୨୫୭୪.୧୬ କ୍ୱିଣ୍ଟାଲ ଧାନ ଉଠାଇଛି। ସେହିପରି ବିଭିନ୍ନ ମଣ୍ଡିରେ ବର୍ତ୍ତମାନ ସୁଦ୍ଧା ୪୬୭୧୫.୪୭ କ୍ୱିଣ୍ଟାଲ ଧାନ କିଣାଯାଇ ଗଚ୍ଛିତ ରହିଥିବା ସୂଚନା ମିଳିଛି। ନିର୍ଦ୍ଦିଷ୍ଟ ସମୟାନୁସାରେ ମିଲର ମଣ୍ଡିରୁ ଧାନ ଉଠାଉନଥିବା ବେଳେ ମୋବାଇଲ ମେସେଜ ମୁତାବକ ଚାଷୀ ମଣ୍ଡିରେ ଧାନ ଦେଇ ଚିନ୍ତାରେ କାଳାତିପାତ କରୁଛି। ଚାଷୀ ଖୋଲା ଆକାଶ ତଳେ ହଜାର ହଜାର

## ଅଧିକାରୀ ଓ ମିଲରଙ୍କ ମଧୁଚନ୍ଦ୍ରିକାରେ ଚାଲୁଛି ମଣ୍ଡି

କ୍ୱିଣ୍ଟାଲ ଧାନ ପକାଇ ଚିନ୍ତାରେ ଥିବାବେଳେ ଚାଷୀଙ୍କ ଠାରୁ ଧାନ କିଣି ମଣ୍ଡି ଅଧିକାରୀ ମାନେ ବି ଦୁଶ୍ଚିନ୍ତାରେ ରହିଛନ୍ତି। ପ୍ରଶାସନିକ ଅଧିକାରୀ ଓ ମିଲରଙ୍କ ମଧୁଚନ୍ଦ୍ରିକାରେ ମଣ୍ଡି ଚାଲୁଥିବାରୁ କେବେ ଧାନ ଉଠିବ ଓ କେବେ ତାର ପ୍ରାପ୍ୟ ପାଇବ ତାକୁ ନେଇ ଚିନ୍ତାରେ ପଡ଼ିଯାଇଛି ଚାଷୀ। ଅପରପକ୍ଷରେ ବିନା କଟ୍‌ନୀ ଛଟ୍‌ନୀରେ ଧାନ କିଣିବା ନିମନ୍ତେ ସରକାର ଘୋଷଣା କରିଥିଲେ ମଧ ଏଫ୍‌ଏକ୍ୟୁ ଆଳରେ କ୍ୱିଣ୍ଟାଲ ପିଛା ୮କେଜିରୁ ଅଧିକ ଧାନ କଟାଯାଉଥିବାରୁ ଚାଷୀ ଶୋଷଣର ଶିକାର ହେଉଥିବାବେଳେ ଧାନ ବିକ୍ରି ସମୟରେ ଚାଷୀ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନ ପାଇଁ ନିଯୁକ୍ତି ପାଇଥିବା ଯୋଗାଣ ବିଭାଗ ଓ ସହକାରୀ ଉପନିବନ୍ଧକଙ୍କ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ମଧ ନିରବଦ୍ରଷ୍ଟା ସାଜିଛନ୍ତି। ବିଳମ୍ବିତ ଧାନକିଣା ଯୋଗୁଁ ଚାଷୀଙ୍କ କ୍ୱିଣ୍ଟାଲ କ୍ୱିଣ୍ଟାଲ୍ ଧାନ ମଣ୍ଡିରେ ଖରା କାକରରେ ପଡ଼ି ଦିନକୁ ଦିନ ଶୁଖି ଯାଉଥିବା ବେଳେ ଧାନବିକ୍ରି ସମୟର ଅବଧି ସରିଯାଉଥିବା ଯୋଗୁଁ ଧାନ ବିକ୍ରି କରିନପାରି ଚାଷୀମ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେହିପରି ବାହାରେ ଖୋଲା ଆକାଶ ତଳେ ପଡିଥିବା ଧାନ ନଷ୍ଟ ହେବାର ସମ୍ଭାବନା ଥିବାରୁ ଚାଷୀ ନିଜର ଫସଲକୁ ସୁରକ୍ଷା ଦେବା ନିମନ୍ତେ ବ୍ୟାକୁଳ ହୋଇପଡୁଛି। ତେଣୁ ଚାଷୀର ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ସରକାର ଏହାର ତୁରନ୍ତ ସମାଧାନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

# ଧାମନଗରରେ ବଢୁଛି ସାଇବର ଜାଲିଆତି

## ● ଲୋକଙ୍କ ଅଜାଣତରେ ଉଠୁଛି ଋଣ

ଦୋବଲ,୨୧।୨(ସମିସ): ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଯେତିକି ସୁବିଧା ଆଣିଛି, ସାଇବର ଅପରାଧୀମାନେ ତା'ଠାରୁ ଅଧିକ ବିପଦ ସୃଷ୍ଟି କଲେଣି। ଆପଣଙ୍କର ଗୋଟିଏ ଭୁଲ୍ ବା ଆପଣଙ୍କ ପରିଚୟ ପତ୍ରର ଅପବ୍ୟବହାର ଆପଣଙ୍କୁ କିଭଳି କାଙ୍ଗାଳ କରିପାରେ କିମ୍ବା ଆଇନଗତ ଅସୁବିଧାରେ ପକାଇପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳରେ। ଆନନ୍ଦପୁର ପଞ୍ଚାୟତ ଉଦେଇପୁର ଗାଁର ପ୍ରତାପ କୁମାର ବାରିକ ନାମକ ଜଣେ ବ୍ୟକ୍ତି ଏବେ ଏକ ସଂଗଠିତ ସାଇବର ର୍‍ୟାକେଟର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରତାପ ପେସାରେ ଜଣେ ଠିକାଦାର। ନିଜର ବ୍ୟବସାୟିକ କାରବାର ପାଇଁ ସେ ବ୍ୟାଙ୍କ ସହ ନିୟମିତ ସମ୍ପର୍କରେ ଥାଆନ୍ତି। ମାତ୍ର ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଥିଲେ, ଯେତେବେଳେ ଜାଣିବାକୁ ପାଇଲେ ଯେ 'ଧନୀ' ନାମକ ଏକ ତୁରନ୍ତ ଋଣ ପ୍ରଦାନକାରୀ ଆପ୍ଲିକେସନରୁ ତାଙ୍କ ନାଁରେ ଋଣ ନିଆଯାଇଛି। ଯାହା ବିଷୟରେ ସେ କିଛି ବି ଜାଣିନାହାନ୍ତି। ପ୍ରତାପଙ୍କ ଅଭିଯୋଗ ଅନୁଯାୟୀ, କେହି ଜଣେ ଦୁର୍ବୃତ୍ତ ନିଜର ଆଧାର କାର୍ଡରେ ପ୍ରତାପଙ୍କ ନାମ ଏବଂ ପାନ୍ କାର୍ଡରେ ପ୍ରତାପଙ୍କ ମୋବାଇଲ ନମ୍ବରକୁ ଅତି ଚତୁରତାର ସହ ଅନ୍ୟ ଜଣକ ପରିଚୟ ପତ୍ର ସହ ଯୋଡ଼ି ଏହି ଋଣ ହାସଲ କରିଛି। ଏ ନେଇ ୧୧ ଡିସେମ୍ବର ୨୦୨୧ରେ ମାତ୍ର ୧୫୦୦ ଟଙ୍କାର ଋଣ ନିଆଯାଇଛି। ଜାଲିଆତି କରିଥିବା ବ୍ୟକ୍ତିଜଣକ ସୁଧ ବାବଦକୁ ପ୍ରାୟ ୩୩,୪୮୨ ଟଙ୍କା ପୈଠ କରିସାରିଥିବା ସଂସ୍ଥାର କଷ୍ଟମର କେୟାର ପକ୍ଷରୁ କୁହାଯାଇଛି। ଯଦିଓ ଋଣ ଟଙ୍କାର ପରିମାଣ କମ୍ ଥିଲା, କିନ୍ତୁ ଏହି ଜାଲିଆତି ଯୋଗୁଁ ପ୍ରତାପଙ୍କ ଆର୍ôଥକ ସ୍ୱଚ୍ଛତା



ଉପରେ ଆଞ୍ଚ ଆସିଛି। ଋଣ ଆକାଉଣ୍ଟଟି 'ଓଭର ଡ୍ୟୁ' ଦେଖାଉଥିବାରୁ ତାଙ୍କର ସିବିଲ୍ ସ୍କୋର ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ଜଣେ ଠିକାଦାର ଭାବେ ବ୍ୟାଙ୍କରୁ ବଡ଼ଧରଣର ଋଣ ନେବା ସମୟରେ ଏବେ ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତାପ ଏ ନେଇ ଧାମନଗର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ପୁଲିସ କେଶ୍ ନଂ ୧୬୨/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହା ପଛରେ ଏକ ବଡ଼ଧରଣର ଆନ୍ତଃରାଜ୍ୟ ସାଇବର ର୍‍ୟାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ଧାମନଗର ପୁଲିସ ସାଇବର ସେଲ୍ ସହାୟତାରେ ଅପରାଧୀଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରୁଛି। ତେବେ ଏହି ଘଟଣାରୁ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ




ଭଦ୍ରକ,୨୧।୨(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ସ୍ଥାନୀୟ ସହିଦ ସ୍ମୃତି ଭବନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଛି। ବରିଷ୍ଠ ନାଗରିକଙ୍କ ଉପସ୍ଥିତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଶିବିର, ସ୍ୱାସ୍ଥ୍ୟ ଶିବିର ଆଦି ଆୟୋଜନ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଆଡସନାଲ ଏସ୍‌ପି ଅଂଶୁମାନ ଦିବେଦୀ, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ମହାସଂଘ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଜିଲ୍ଲାଜଜଙ୍କ ପ୍ରତିନିଧି ତାପସ କୁମାର ମହାନ୍ତି, ଜିଲ୍ଲା ସଞ୍ଚୟ ଅଧିକାରିଣୀ ମୋନାଲିସା ପଣ୍ଡା, ଜିଲ୍ଲା ଲିଡ୍ ବ୍ୟାଙ୍କ ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ଜିଲ୍ଲାପାଳ ବରିଷ୍ଠଙ୍କ ପ୍ରତି ସମାଜ ତଥା ପରିବାର ବର୍ଗ ସମ୍ମାନର ସହ ବଞ୍ଚିବାର ଅଧିକାର ସହ ବୃଦ୍ଧ ପିତାମାତା ଅବହେଳାର ଶିକାର ଯେପରି ନ ହେବେ ସେଥିପ୍ରତି ସମସ୍ତଙ୍କ ସ୍ନେହ ଆଉ ଶ୍ରଦ୍ଧା ରହିଲେ ଏକ ସୁସ୍ଥ ସମାଜ ଓ ଶ୍ରେଷ୍ଠ ଭାରତର ସ୍ୱପ୍ନ ସାକାର ହେବ, ଅନ୍ୟତମ ମଞ୍ଚାସୀନ ଅତିଥି ବୃନ୍ଦ ସାମାଜିକ ନ୍ୟାୟ ଦିବସ ଉପରେ ବିଶଦ ଆଲୋଚନା କରିଥିବା ବେଳେ ବରିଷ୍ଠମାନେ ସାଇବର ଠକେଇର ଶିକାର ନହେବା, ଆଇନଗତ ସେବା, ସମ୍ପତିଗତ ଅଧିକାର ଓ ବରିଷ୍ଠ ନାଗରିକ ସଞ୍ଚୟ ଉପରେ ଆଲୋଚନା କରିଥିଲେ। ବ୍ଲକ ଓ ପଞ୍ଚାୟତସ୍ତରରୁ ସମସ୍ତ ୨୮ଟି ସଂଘର ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ୪୩ ଜଣ ବରିଷ୍ଠ ନାଗରିକଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଭାପତିତ୍ୱ କରୁଥିବା ବେଳେ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସଭା ସଂଚାଳନ କରିବା ସହ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବରିଷ୍ଠ ସହାୟକ ବିଦୁଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରି ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ, ଏତାଦୃଶ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିବାରୁ ସମସ୍ତ ବରିଷ୍ଠ ନାଗରିକ ଜିଲ୍ଲା ପ୍ରଶାସନର ମୁଖ୍ୟଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ।

# କମୁଛି ଭୂତଳ ଜଳସ୍ତର, ସଂରକ୍ଷଣ ଜରୁରୀ

ବାରିକପୁର,୨୧।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଧୀରେ ଧୀରେ ଭୂତଳ ଜଳ କମୁଥିବା ଜଣାପଡ଼ିଛି। ଆଗକୁ ଖରା ଦିନ ଆସୁଥିବା ବେଳେ ଲୋକେ ପିଇବା ପାଣି ପାଇଁ ଛଟପଟ ହେବେ। ଭୂତଳ ଜଳ ହ୍ରାସ ପାଉଥିବା କାରଣରୁ ନଳକୂପ ଗୁଡ଼ିକର ଜଳସ୍ତର କମିବା ଆଶଙ୍କା ଦେଖାଦେଇଛି। ଏ ନେଇ ଆଜି ବ୍ଲକ ପରିସରରେ ଭୂତଳ ଜଳ ମାପ କରୁଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ବିଭାଗର ବାରିପଦା କାର୍ଯ୍ୟାଳୟରୁ ଆସିଥିବା ଯାନ୍ତ୍ରିକ ଅଧିକାରୀ ନିର୍ମିତ ଜଳ ସଂରକ୍ଷଣ କୂପରୁ ମେସିନ ସାହାଯ୍ୟରେ ପାଣିସ୍ତର ମାପ କରିଥିଲେ। ମାପ ପରେ ପୂର୍ବ ବର୍ଷ ମାନଙ୍କରେ ଯେତିକି ଜଳସ୍ତର ରହିଥିଲା ତାହା ଧୀରେଧୀରେ ହ୍ରାସ ପାଉଥିବା କହିଥିଲେ। ଏବେ ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା କରିବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି।

# ବିନା ଫଳକରେ ନିମ୍ନମାନର ନିର୍ମାଣ, ତଦନ୍ତ ଦାବି

ଦୋଳସାହି,୨୧।୨(ସମିସ): ସରକାରଙ୍କ ପକ୍ଷରୁ ଚାଷୀଙ୍କ କ୍ଷେତକୁ ସହଜରେ ପାଣି ଯୋଗାଇ ଦେବା ପାଇଁ କାଡ଼ା ନାଳକୁ କଂକ୍ରିଟ୍ ଢଳେଇ କରାଯାଉଛି। ତେବେ ଏହି କାର୍ଯ୍ୟ ଅତି ନିମ୍ନମାନରେ କରାଇ ଠିକାଦାର ଠକୁଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତର ବଡ଼େଇବାଡ଼ି ଗାଁ ନିକଟରେ ଥିବା ଚାଷ ଜମିରେ କାଡ଼ା ନାଳକୁ କଂକ୍ରିଟ୍ ଢଳେଇ କରି ନାଳ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ



କାର୍ଯ୍ୟ ନିମ୍ନମାନର ହେଉଥିବା ସହ ଅଙ୍କା ବଙ୍କା ଭାବେ କରାଯାଉଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ଠିକାଦାର ପୂର୍ବରୁ ନିର୍ମାଣ କରିଥିବା ନାଳକୁ ସଂଯୋଗ କରିନଥିବା ଦେଖିବାକୁ ମିଳୁଥିବାବେଳେ ପୂର୍ବ କଂକ୍ରିଟ୍ ନାଳରେ ମାଟି ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ଏହି ଜାମ ନାଳକୁ ପୁନରୁଦ୍ଧାର କରିବାକୁ ଚାଷୀଙ୍କ ମଧ୍ୟରେ ଅଭିଯୋଗ ହେଉଛି। ସେହିପରି ଏହି କାର୍ଯ୍ୟ ବିନା ସୂଚନା ଫଳକରେ କରାଯାଉଥିବାରୁ ସରକାରୀ ଅର୍ଥ ହରିଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଲାଗି ଚାଷୀ ମହଲରେ ଦାବି ହୋଇଛି।

# କୃଷି କାର୍ଯ୍ୟାଳୟ ପକ୍ଷରୁ ରବି ବିହନ ବଣ୍ଟନ



ବନ୍ତ/ଆଗରପଡ଼ା,୨୧।୨(ସମିସ): ବନ୍ତ ବ୍ଲକ୍ କୃଷି କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ରବି ଫସଲ ପାଇଁ ସରକାରୀ ସହାୟତାରେ ଉନ୍ନତମାନର ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶେଷ କରି ପୁରୁଷଣ୍ଡ ପଞ୍ଚାୟତର ଚାଷୀଙ୍କୁ ରବି ଋତୁ ପାଇଁ ଆବଶ୍ୟକୀୟ ଉନ୍ନତ କିସମର ବିହନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଭିଏଡବ୍ଲୁ ଏବଂ କୃଷକ ସାଥୀମାନେ ଉପସ୍ଥିତ ରହି ଚାଷୀମାନଙ୍କୁ ବିହନ ବଣ୍ଟନ କରିବା ସହ ଏହାର ବ୍ୟବହାର ଓ ଉପକାରିତା ବିଷୟରେ ଅବଗତ କରାଇଥିଲେ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଏହି ରିହାତି ବିହନ ଚାଷୀଙ୍କ ଆର୍ôଥକ ଅବସ୍ଥା ସୁଧାରିବାରେ ସହାୟକ ହେବ ବୋଲି ବିଭାଗ ପକ୍ଷରୁ ପ୍ରକାଶ କରାଯାଉଛି।

# ଆଗକୁ ହୋଲି; ଡିଜେରେ ରୋକ୍ ଲାଗିବ ତ?

ଅସୁରାଳି,୨୧।୨(ସମିସ): ବାରମ୍ବାର ବିଭିନ୍ନ ସାମାଜିକ ଅନୁଷ୍ଠାନ ବୁଦ୍ଧିଜୀବୀ, ବ୍ୟବସାୟୀ ମହଲରୁ ଅଭିଯୋଗ ସତ୍ତ୍ୱେ ଧାମନଗର ଅଞ୍ଚଳରେ ଡିଜେ ବାଜିବା ବନ୍ଦ ହେବାର ନାଁ ଧରୁନି। ଯେ କୌଣସି ପୂଜା, ପାର୍ବଣ, ବ୍ରତରେ କିଛି ଅସାମାଜିକଙ୍କ ପ୍ରଚେଷ୍ଟାରେ ଡିଜେ ଅଣାଯାଇ ସବୁ ଆଇନକାନୁନକୁ 'ଫୁ' କରିଦେଇ ଅତି ଉତ୍କଟ ଶବ୍ଦ କରି ପ୍ରତିଯୋଗିତା କରାଯାଇ ଡିଜେ ବଜାଯାଉଛି। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ କିଛି ସମୟ ପାଇଁ କଟକଣା କରିଥାଏ। କିନ୍ତୁ ପରବର୍ତ୍ତୀ ସମୟରେ ଯେଉଁ କଥାକୁ ସେଇ କଥା। ସହରାଞ୍ଚଳରେ ସାମାନ୍ୟ ଭାବେ ନିୟମକୁ ପାଳନ କ କରାଯାଉଥିଲେ ବି ଗ୍ରାମାଞ୍ଚଳରେ ସନ୍ଧ୍ୟାଠାରୁ ପୁଣି ରାତି ପାହିବା ପର୍ଯ୍ୟନ୍ତ ଉନ୍ମାଦ ଯୁବକମାନେ ନିଶାସକ୍ତ ହୋଇ ଏହି ପ୍ରଚଣ୍ଡ ଶବ୍ଦ ସୃଷ୍ଟିକାରୀ ଡିଜେ ବାଜାବଜାଇ ନୃତ୍ୟ ପରିବେଷଣ କରନ୍ତି। କେହି ପ୍ରତିବାଦ କରିବାକୁ ସାହସ କରନ୍ତି ନାହିଁ। ଅତୀତରେ




ଧାମନଗର ବ୍ଲକରେ ବିଭିନ୍ନ ସ୍ଥାନରେ ଏହି କାରଣରୁ ଉତେଜନା ସୃଷ୍ଟି ହୋଇ ଥାନା ପର୍ଯ୍ୟନ୍ତ କଥା ଯାଇଛି। କିନ୍ତୁ ପ୍ରଶାସନର କୌଣସି ପଦକ୍ଷେପ ନାହିଁ ଓ ବ୍ୟାପକ ଶବ୍ଦ ପ୍ରଦୂଷଣ ସହିତ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ବୃଦ୍ଧବୃଦ୍ଧା, ରୋଗୀ, ଶିଶୁ, ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । ନିକଟ ଅତୀତରେ ଆଗରପଡ଼ାର ଏକ ଚା ବ୍ୟବସାୟୀ ଡିଜେ ସାଉଣ୍ଡର ତୀବ୍ରତାକୁ ନସହି ପାରି ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ପିଲାମାନଙ୍କ ପରୀକ୍ଷା ଚାଲୁଥିବା ବେଳେ ଏହି ଡିଜେ ଶବ୍ଦ ଯୋଗୁଁ ସେମାନଙ୍କ ପାଠ ପଢ଼ାରେ ବିଭ୍ରାଟ ସୃଷ୍ଟି ହେଉଛି। ଆଗକୁ ଆସୁଛି ହୋଲି ମେଳଣ ନାଁ ରେ କେବଳ ଡିଜେ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଉଛି ଯାହାର ଉତ୍କଟ ଶବ୍ଦ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ପ୍ରଭାବ ପକାଉଛି। ମାତ୍ର ଆଜିକାଲିର ଯୁବ ସମାଜ ମଧ୍ୟରେ ଏହି ପରିପ୍ରେକ୍ଷୀରେ କୌଣସି ପ୍ରକାର ର ଉଦବେଗ ପ୍ରକାଶ ପାଉନାହିଁ। ଏଣୁ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ ନିମିତ ତଥା ସୁସ୍ଥ ସମାଜ ପାଇଁ ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

# ଶିଶୁ ପ୍ରତିଭା ମହୋତ୍ସବ



ଅସୁରାଳି,୨୧।୨(ସମିସ): ଜନକଲ୍ୟାଣ ସେବା ସମିତିର ଆନୁକୂଲ୍ୟରେ ୬ଷ୍ଠ ବର୍ଷର ବ୍ଲକ୍‌ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ପାଳିତ ହୋଇଛି। ଆନ୍ତର୍ଜାତିକ ମାତୃଭାଷା ଦିବସ ଅବସରରେ ଆୟୋଜିତ ଏହି ଅନୁଷ୍ଠାନରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷାର ସୁରକ୍ଷା ଓ ପ୍ରସାର ପାଇଁ ସମସ୍ତଙ୍କୁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ।ସଭାପତି ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଣ୍ଡିତ ଦୈତ୍ୟାରି ମହାପାତ୍ର ମୁଖ୍ୟବକ୍ତା ଭାବେ କହିଥିଲେ। ସମିତିର ସେବାମୂଳକ କାର୍ଯ୍ୟ ଭାବେ ବୃକ୍ଷରୋପଣ, ରୋଗୀ ସେବା, ଓ ସାମାଜିକ ସଚେତନତା ସମାଜ ପାଇଁ ଉଲ୍ଲେଖନୀୟ। ଭଦ୍ରକ ବ୍ଲକର ୧୨ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ନିଜ-ନିଜ କଳା ପ୍ରଦର୍ଶନ କରିଥିଲେ। ସେମାନଙ୍କର ସୃଜନଶୀଳତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ସମସ୍ତଙ୍କୁ ମନୋମୁଗ୍ଧ କରିଥିଲା। ଶିଶୁ ସାହିତ୍ୟିକ ଅଭୟ ସୂତାର କହିଥିଲେ 'ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଏହିଭଳି ମହୋତ୍ସବ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ଉନ୍ମୋଚନ କରି, ସମାଜକୁ ନୂତନ ଦିଗ୍ ଦର୍ଶନ ଦେଇଥାଏ।' ଦିବସବ୍ୟାପୀ ଅନୁଷ୍ଠାନରେ ପ୍ରତିଯୋଗୀମାନଙ୍କୁ ଫଳକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେଥିସହିତ, ସମାଜସେବା, ଶିକ୍ଷା ଓ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା ତଥା କାର୍ତ୍ତିକ ନାଥ ମଣ୍ଡଳଙ୍କୁ 'ସେବା ରତ୍ନ', ଗଦାଧର ପଣ୍ଡାଙ୍କୁ 'ମାଟିର ଗୌରବ', କୁଳମଣି ପଣ୍ଡା ଓ ପଦ୍ମନାଭ ପଣ୍ଡାଙ୍କୁ 'ସେବା ଗୌରବ', ରମାପଦ ରଣାଙ୍କୁ 'ଶିକ୍ଷକ ଗୌରବ', ଚନ୍ଦ୍ରଶେଖର ଓଝାଙ୍କୁ 'ସଙ୍ଗୀତ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାରେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବେହେରା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସମ୍ପାଦକ ମାନସ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଅମର ପଣ୍ଡା, ସଂଯୋଜକ ବିକାଶ ମହାପାତ୍ର ଓ ସାଂସ୍କୃତିକ ସଂଯୋଜକ କୃତ୍ତିବାସ ରଣା ପରିଚାଳନା କରିଥିଲେ। ସଭା ଶେଷରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀ ରଣା ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ।

# ଶ୍ରୀହୀନ ହେଲାଣି ସରସଦା ଗ୍ରାମ୍ୟ ଉଦ୍ୟାନ

## ପଙ୍କ ଭର୍ତ୍ତି ପୁଷ୍କରିଣୀ, ନା' ଅଛି ନୌକା ନା' ଅଛନ୍ତି ନାଉରୀ

ବାରିକପୁର,୨୧।୨(ସମିସ)



ଗ୍ରାମାଞ୍ଚଳ ଲୋକଙ୍କ ଅବସର ବିନୋଦନ ପାଇଁ ସହରୀ ଢାଞ୍ଚାରେ ନିର୍ମାଣ ହୋଇଥିବା ଗ୍ରାମୀଣ ଉଦ୍ୟାନ ଏବେ ଜରାଜୀର୍ଣ୍ଣ ପାଲଟିଛି। ଭଣ୍ଡାରିପୋଖରୀ ବ୍ଲକ୍‌ର ଦୁଇଟି ପଞ୍ଚାୟତରେ ନିର୍ମିତ ହୋଇଥିବା ଗ୍ରାମୀଣ ଉଦ୍ୟାନ ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ପାଲଟିଯାଇଛି। ୨୦୨୨-୨୩ ଆର୍ôଥକ ବର୍ଷରେ ସରସଦା ଠାରେ ପ୍ରାୟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଗ୍ରାମୀଣ ଉଦ୍ୟାନ ନିର୍ମିତ ହୋଇଥିଲା।

ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସହିତ ବିଧାୟକ ଓ ସାଂସଦ ଅନୁଦାନ ପାଣ୍ଠିରୁ ଏହି ଉଦ୍ୟାନଟି ନିର୍ମିତ ହୋଇଥିଲା। ପାଚେରି ବେଷ୍ଟିତ କ୍ଷୁଦ୍ର ଉଦ୍ୟାନ ଭିତରେ ରଙ୍ଗବେରଙ୍ଗର ଫୁଲ ଗଛ ସହିତ ଅନେକ ପ୍ରକାରର ଆକର୍ଷଣୀୟ ମୂର୍ତ୍ତି ମାନ ନିର୍ମାଣ ହୋଇଥିଲା। ତଳେ ଘାସ ଗାଲିଚା ସମେତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମଧ ରହିଥିଲା। ଏହାଛଡ଼ା ଛୋଟ ପୁଷ୍କରିଣୀରେ କୁନିକୁନି ପିଲାମାନଙ୍କ ପାଇଁ ନୌକା ବିହାର ବ୍ୟବସ୍ଥା ହୋଇଥିଲା। ଯେଉଁଥିରେ ମୋଟର ଚାଳିତ ରଙ୍ଗୀନ ଡଙ୍ଗା ବ୍ୟବହୃତ ହେଉଥିଲା। ତେବେ ନିର୍ମାଣର କିଛି ମାସ ଯାଏଁ ଗ୍ରାମ ସମେତ ଆଖପାଖ ଅଞ୍ଚଳର ସ୍କୁଲ କଲେଜ ପିଲା ଓ ଜନସାଧାରଣ ଏଠାକୁ ବୁଲିବାକୁ ଆସୁଥିଲେ। ଉଦ୍ୟାନ ପରିସରରେ ବୁଲାବୁଲି କରିବା ସହିତ ନିକଟ କ୍ଷୁଦ୍ର ପୁଷ୍କରିଣୀରେ ମଧ ପିଲାମାନେ ନୌକା ବିହାରର ମଜା ନେଉଥିଲେ। ବିଶେଷ କରି ସନ୍ଧ୍ୟାରେ ଉଦ୍ୟାନ ଚଳଚଞ୍ଚଳ ରହୁଥିଲା। ପରିତାପର ବିଷୟ ଏବେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଉଦ୍ୟାନଟି ସଦାସର୍ବଦା ବନ୍ଦ ରହୁଥିବାବେଳେ ଏହାର କୌଣସି ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ଉଦ୍ୟାନ ମଧ୍ୟରେ ଲତା ଗୁଳ୍ମ ମାଡ଼ି ଗଲାଣି। ପାଣି ପାଇପ, ଲାଇଟ, ପେଭର୍ ରାସ୍ତା ମଧ ଧୀରେ ନଷ୍ଟ ହୋଇଗଲାଣି। ବିଭିନ୍ନ ରଙ୍ଗବେରଙ୍ଗର ମୂର୍ତ୍ତି ଓ ଛୋଟ ଛୋଟ ବୃକ୍ଷଲତା ମଧ ନିଶ୍ଚିହ୍ନ ହେବାକୁ ବସିଛି। ପଙ୍କଭର୍ତ୍ତି ପୁଷ୍କରିଣୀରେ ନା ଅଛି ନୌକା ନା ଅଛନ୍ତି ନାଉରୀ। ଲକ୍ଷ ଲକ୍ଷ ଟଙ୍କା ଦିନ କେଇଟାରେ ନଷ୍ଟ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଦ୍‌ଘାଟନ ସମୟରେ ବିଡିଓ ଉପସ୍ଥିତ ରହି ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ କଥା ପାଣିର ଗାର ସଦୃଶ ହୋଇଛି।

ଆପତ୍ତି ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ ଏହାକୁ ରକ୍ଷଣାବେକ୍ଷଣ କରିବା ପାଇଁ ସେଭଳି ପଦକ୍ଷେପ ନିଆ ଯାଇନାହିଁ। ଅବସାଦ ସମୟରେ ଚିତ୍ତ ବିନୋଦନ ପାଇଁ ଲୋକେ ଉଦ୍ୟାନ ପରିଭ୍ରମଣ କଥା ଏକପ୍ରକାର ଭୁଲିଗଲେଣି। ଅନୁରୂପ ଭାବେ ତେସିଙ୍ଗାଠାରେ ମଧ ନିର୍ମିତ ହୋଇଥିବା ଗ୍ରାମୀଣ ଉଦ୍ୟାନଟିର ଅବସ୍ଥା ମଧ ସମାନ ପ୍ରକାର ହୋଇଛି। ଏହାର ରକ୍ଷଣାବେକ୍ଷଣ ସକାଶେ ବିଡିଓ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଥିଲେ ସୁଦ୍ଧା କେହି ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ତେଣୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇ ନିର୍ମିତ ହୋଇଥିବା ସୁନ୍ଦର ଗ୍ରାମୀଣ ଉଦ୍ୟାନରେ ପରିଭ୍ରମଣ ଗାଁ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି।

ମଣ୍ଡି ଅଚଳ

# ଧାନ କ୍ୱିଣ୍ଟାଲ ୧୭ ଶହ ଟଙ୍କାରେ ବିକିଲେ ଚାଷୀ

ବାରିକପୁର,୨୧ ।୨(ସମିସ): ଜିଲ୍ଲାରେ ଏକ ସପ୍ତାହରୁ ଅଧିକ ସମୟ ଧରି ବିଭିନ୍ନ ସରକାରୀ ମଣ୍ଡି ଅଚଳ ହୋଇପଡ଼ିଛି ।ଚାଷୀ ମାନେ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଅନୁଯାୟୀ କିଛି ଶସ୍ୟ ବିକ୍ରି କରିଥିବା ବେଳେ ଆହୁରି ଅନେକ ଧାନ ମଣ୍ଡିରେ ପଡି ରହିଛି। ଧାନ କିଣାକୁ ଦେଢ଼ ମାସ ବିତିଯାଇଥିଲେ ମଧ ଏଯାଏଁ ଶତକଡା ୫୦ଭାଗ ଶସ୍ୟ କିଣା ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ଗୋଟି ମଣ୍ଡିରେ ଏକ ପ୍ରକାର ଅଚଳ ଅବସ୍ଥା ଦେଖାଦେଇଛି। ଦିନ ଦିନ ମଣ୍ଡିରେ ଶହ ଶହ ବସ୍ତା ଧାନ ଥାକ ମରା ହୋଇ ରହିଛି। ମୋଟ ପଞ୍ଜିକୃତ ପରିମାଣ ଅନୁଯାୟୀ ଚାଷୀଙ୍କ ପାଖରେ



ମଧ ଶହ ଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ରହିଛି। ହଜାର ହଜାର ଚାଷୀ ସରକାରୀ ମଣ୍ଡିରେ ଧାନ ବିକି ନପାରି ଏବେ ବାଧହୋଇ ସେମାନେ ଖୁଚୁରା ବ୍ୟବସାୟୀଙ୍କୁ ଶସ୍ୟ ବିକ୍ରି କରୁଛନ୍ତି। ଶାଗ ମାଛ ଦରରେ ବେପାରୀଙ୍କୁ ଖୋସାମତ କରି ୧୭ଶହ ଟଙ୍କାରେ ଚାଷୀ ମାନେ ଧାନ ବିକୁଛନ୍ତି। ପ୍ରଶାସନ ଧାନ କିଣୁନଥିବାରୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ପ୍ରାୟ କୁଇଣ୍ଟାଲ ପିଛା ୧୩ଶହ କମରେ ଚାଷୀ ଭାଇମାନେ ଧାନ ବିକୁଛନ୍ତି। ଝାଳ ବୋହି କଷ୍ଟ ଉପାର୍ଜିତ ଶସ୍ୟକୁ ଏକପ୍ରକାର ମାଗଣାରେ ଦେଉଛନ୍ତି। ଏହା ସରକାରୀ ଉଦାସିନତା ନା ପ୍ରଶାସନିକ ଅପାରଗତା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଧାନ ସଂଗ୍ରହରେ ଅବ୍ୟବସ୍ଥା

# ପାକ୍ସ ସଭାପତି ଓ ବିସିସିବି ବ୍ୟାଙ୍କ ନିର୍ଦ୍ଦେଶକଙ୍କ ବିକ୍ଷୋଭ



ଭଦ୍ରକ, ୨୧।୨ (ସମିସ): ଜିଲ୍ଲାରେ ଧାନ ସଂଗ୍ରହ କାର୍ଯ୍ୟରେ ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟିକୁ ନେଇ ସେବା ସମବାୟ ସମିତିର ସଭାପତି ଓ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏମାନଙ୍କର ଅଭିଯୋଗ ହେଲା ଗତ ଜାନୁଆରୀ ୫ ତାରିଖରେ ଧାନକିଣା ଆରମ୍ଭ ହୋଇଥିଲା। ଏହାମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ ଜିଲ୍ଲା ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ୪୦ ଲକ୍ଷ କ୍ୱିଣ୍ଟାଲ ମଧ୍ୟରୁ ମାତ୍ର ୫ ଲକ୍ଷ କ୍ୱିଂଟାଲ ଧାନ କିଣାଯାଇଛି। ଏଭଳି ପରିସ୍ଥିତି ଜାରି ରହିଲେ ଜିଲ୍ଲା ର ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବାନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ପ୍ରଶାସନିକ କର୍ତ୍ତୃପକ୍ଷ ଓ ମିଲରମାନଙ୍କ ଅସହଯୋଗ କାରଣରୁ ଧାନସଂଗ୍ରହ କାର୍ଯ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଫ୍ଏକ୍ୟୁ ମାନର ଆଳରେ କଟ୍‌ନୀ ଛଟ୍‌ନୀ କରାଯାଇ ଚାଷୀମାନଙ୍କୁ ନାନା ହଇରାଣ କରୁଛନ୍ତି। ଏହାବ୍ୟତୀତ ଧାନ ମଣ୍ଡିରେ ପଡିରହିଥିବାରୁ ଷଣ୍ଢ, ଛେଳି ମୂଷାମାନେ ଖାଇ ନଷ୍ଟ କରିପକାଉଛନ୍ତି। ଏବେ ଚାଷୀ ଧାନ ବିକ୍ରି ପାଇଁ ବାରଓଳି ଶୁଣ୍ଠିପିଣ୍ଡା ହେଉଛି।

ଏଭଳି ପରିସ୍ଥିତିରେ ପ୍ରଶାସନ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ହସ୍ତକ୍ଷେପ କରି ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଧାନର ଉପଯୁକ୍ତ ପ୍ରାପ୍ୟ ଦେବାକୁ ଆନ୍ଦୋଳନକାରୀଙ୍କ ପକ୍ଷରୁ ଦାବି କରାଯାଇଛି। ବିଶେଷକରି ଚାଷୀମାନଙ୍କ ଗୋଟିଏ ଟୋକନ ଯେପରି ଲାପ୍ସ ନହୋଇ ସଂପୂର୍ଣ୍ଣ ଧାନ କିଣାଯିବ, ଏଥିପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି। ଧାନ କ୍ରୟକାରୀ ସଂସ୍ଥାର କର୍ମଚାରୀମାନେ ସରକାରଙ୍କ ନୀତି ନିର୍ଦ୍ଧାରଣ ଅନୁସାରେ ନିଷ୍ଠାର ସହ ନିଜ ଦାୟିତ୍ୱ ତୁଲାଇ ଚାଷୀଙ୍କ ଆଶା ପୂରଣ କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାକୁ ପ୍ରଶାସନକୁ ଦାବି କରାଯାଇଛି। ଚାଷୀମାନଙ୍କର ହକ୍ ଦାବି ଓ ପ୍ରାପ୍ୟ ନମିଳିଲେ ଆସନ୍ତା ଦିନରେ ବିକଳ୍ପ ପନ୍ଥା ଗ୍ରହଣ କରିବେ ବୋଲି ପାକ୍ସର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ପ୍ରକାଶଜ୍ୟୋତି ମହାକୁଡ, ଯୋଗେନ୍ଦ୍ର ଘଡ଼େଇ, ବସନ୍ତ ବେହେରା, ମଳୟ ରାଉତ, ନିତ୍ୟାନନ୍ଦ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଶିକ୍ଷାବିତ୍ ଧରଣୀଧର ପଣ୍ଡାଙ୍କ ପରଲୋକ

ଦୋବଲ,୨୧ ।୨(ସମିସ): ଦୋବଲ ପଞ୍ଚାୟତ ଅନ୍ତର୍ଗତ ସୋଧ ଗ୍ରାମର ବିଶିଷ୍ଟ ଶିକ୍ଷାବିତ, ଧର୍ମପରାୟଣ ତଥା ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଧରଣୀଧର ପଣ୍ଡାଙ୍କର ୭୮ ବର୍ଷ ବୟସରେ ପରଲୋକ ଘଟିଛି। ଶନିବାର ଦିନ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।ସ୍ୱର୍ଗତ ପଣ୍ଡାଙ୍କ ଶିକ୍ଷକତା ଜୀବନ ଅତ୍ୟନ୍ତ ନିଷ୍ଠା ପୂର୍ଣ୍ଣ ଥିଲା। ସେ ଦୋବଲ ମଧ ଇଂରାଜୀ ବିଦ୍ୟାଳୟରୁ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ବର୍ଷର ସେବା ପରେ ସେହି ବିଦ୍ୟାଳୟରୁ ହିଁ ଅବସର ଗ୍ରହଣ କରିଥିଲେ। ତାଙ୍କ ଶିକ୍ଷାଦାନ ଶୈଳୀ ଓ ସ୍ନେହ ପୂର୍ଣ୍ଣ ବ୍ୟବହାର ଯୋଗୁଁ ସେ ଅଞ୍ଚଳରେ ଅନେକ ଆଦର୍ଶ



ଛାତ୍ରଛାତ୍ରୀ ସୃଷ୍ଟି କରିପାରିଛନ୍ତି। ତାଙ୍କ ବିୟୋଗ ଖବର ପାଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଡାକ୍ତରଖାନାରେ ପହଞ୍ଚି ସ୍ୱର୍ଗତ ପଣ୍ଡାଙ୍କ ମରଶରୀରର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ତଥା ଦୋବଲ ସରପଞ୍ଚ ଅଶୋକ କୁମାର ପଣ୍ଡା ମୁଖାଗ୍ନି ଦେଇଛନ୍ତି। ଜଣେ ଶିକ୍ଷକ କେବଳ ପାଠ ପଢ଼ାନ୍ତି ନାହିଁ, ବରଂ ଗୋଟିଏ ସମାଜ ଗଢ଼ନ୍ତି।

ସ୍ୱର୍ଗତ ଧରଣୀଧର ସାର ଥିଲେ ତାହାର ଏକ ଜ୍ୱଳନ୍ତ ଉଦାହରଣ। ସ୍ଥାନୀୟ ବୁଦ୍ଧିଜୀବୀ ତଥା ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ପ୍ରତିନିଧି ମନୋଜ ମଲିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ ଶୋକ ବାର୍ତ୍ତାରେ କହିଛନ୍ତି। ତାଙ୍କ ବିୟୋଗରେ ସମଗ୍ର ଧାମନଗର ଓ ଦୋବଲ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ସ୍ୱେଚ୍ଛାସେବୀଙ୍କ ଅକାଳ ବିୟୋଗ

ଭଣ୍ଡାରିପୋଖରୀ/ବାରିକପୁର, ୨୧ ।୨ (ସମିସ): ଭଣ୍ଡାରିପୋଖରୀ ଉମିଦ ଫାଉଣ୍ଡେସନର ଉପଦେଷ୍ଟା ତଥା ଯୁବ ବ୍ୟବସାୟୀ ବୈଦ୍ୟନାଥ ସାହୁଙ୍କ ଅକାଳ ବିୟୋଗ ହୋଇଛି। ମୃତ୍ୟୁ



ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା। ସୂଚନା ମୁତାବକ ଗତ ଶୁକ୍ରବାର ରାତିରେ ଘରେ ଖାଇପିଇ ଶୋଇଥିବା ବେଳେ ଆଜି ସକାଳୁ ଉଠି ନଥିଲେ। ପରିବାର ବର୍ଗ ଅଚେତ ଅବସ୍ଥାରେ ତାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଥିବା କୁହାଯାଉଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ସ୍ୱେଚ୍ଛାସେବୀ ଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଇଲେକ୍ଟ୍ରିକ୍ ସ୍କୁଟର୍ 'ଇ-ଆକ୍ସେସ୍' ଶୁଭାରମ୍ଭ

ଭଦ୍ରକ, ୨୧।୨(ସମିସ): ତୋଷାଳି ସୁଜୁକି ଠାରେ ସୁଜୁକି ମୋଟରସାଇକଲ୍ ଇଣ୍ଡିଆର ପ୍ରଥମ ଇଲେକ୍ଟ୍ରିକ୍ ସ୍କୁଟର୍ 'ଇ-ଆକ୍ସେସ୍'ର ଶୁଭାରମ୍ଭ ବା ବଜାର ପ୍ରବେଶ ହୋଇଯାଇଛି। ଏଥିରେ ସାମଲ ସେଲ୍ସର ଏମଡି ଗୌରାଙ୍ଗ ସାମଲ, ଏସ୍ଏମ୍ଆଇପିଏଲ୍‌ର ଏଏମ୍ ମୁକେଶ ମିଲିନ୍ଦ ଏବଂ ସାମ୍ବାଦିକ ତପନ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇ-ଆକ୍ସେସ୍ କୁ ଉନ୍ମୋଚନ କରିଛନ୍ତି ।ଏଥିରେ ଅନେକ ନୂତନ ବୈଶିଷ୍ଟ୍ୟ ରହିଛି, ଯେପରିକି ବିନା ଚାବିରେ ଷ୍ଟାର୍ଟ (କି-ଲେସ୍ ଷ୍ଟାର୍ଟ) ଏବଂ ଟିଏଫଟି ଡିସପ୍ଲେ। କମ୍ପାନୀ ପକ୍ଷରୁ ଗାଡ଼ି ଉପରେ ୭୦ହାଜର କିଲୋମିଟର କିମ୍ବା ୭ ବର୍ଷର



ୱାରେଣ୍ଟି ପ୍ରଦାନ କରାଯାଉଛି। ଏହା ବିଭିନ୍ନ ପରୀକ୍ଷଣସ୍ତର ଦେଇ ଗତି କରିଥିବାରୁ ଏହାର ନିର୍ମାଣ ମାନ (ବିଲ୍ଡ କ୍ୱାଲିଟି) ଅତ୍ୟନ୍ତ ଉଚ୍ଚକୋଟୀର ଅଟେ। ଗାଡ଼ିଟିରେ ଏଲଏଫପି (ଖରଚ) ବ୍ୟାଟେରୀ ବ୍ୟବହାର କରାଯାଇଥିବାରୁ ଏହା ଅଧିକ ତାପମାତ୍ରାରେ ମଧ ସଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଏହି ଗାଡ଼ି ଉପରେ ସ୍ୱତନ୍ତ୍ର ରିହାତି (ଡିସକାଉଣ୍ଟ) ଅଫର୍ ମଧ ଉପଲବ୍ଧ ଥିବା କୁହାଯାଇଛି।

# ହେଲପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ,୨୧।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ସାଧନକେନ୍ଦ୍ର ଅନ୍ତର୍ଗତ ହେଲପୁର ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟତ୍ରୀ ସୁହାସିନୀ ସାମଲଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ କାଞ୍ଚନବାଳା ପାତ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ କେଶବ ଚନ୍ଦ୍ର ନାୟକ, ଶ୍ରୀନିବାସ ପାଲ ଓ



ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଅତୀତ ଓ ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ବୀଣାପାଣି ଦତ୍ତ ଅତିଥି ପରିଚୟ ଓ ମାନସୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଭଗବାନଙ୍କ ଭରସାରେ ମଙ୍ଗଳପୁର-ନୁନ୍ଦର ରାସ୍ତା କାମ

ଭଦ୍ରକ,୨୧।୨(ସମିସ): ମଙ୍ଗଳପୁର ଠାରୁ ନୁନ୍ଦର ଗ୍ରାମ୍ୟ ଉନ୍ନୟନ ରାସ୍ତା କାର୍ଯ୍ୟ ଏବେ ଭଗବାନଙ୍କ ଭରସାରେ। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଅନ୍ୟତମ ପ୍ରମୁଖ ରାସ୍ତା ମଙ୍ଗଳପୁର ଠାରୁ ନୁନ୍ଦର ଗ୍ରାମ ଉନ୍ନୟନ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ



ଯାତାୟାତ କରନ୍ତି। କିଛି ଦିନ ପୂର୍ବରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନୂତନ ଭାବରେ ଚାଲୁଅଛି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ସମସ୍ତ ସରକାରୀ ନିୟମ ଖୋଲା ଖୋଲି ଭାବେ ଉଲ୍ଲଙ୍ଘନ କରାଯାଉଛି। ଏପରକିଏହି କାର୍ଯ୍ୟରେ ନାମ ଫଳକ ଲେଖା ଯାଇନାହିଁ। ପ୍ରକଳ୍ପର ଅନୁଦାନ ରାଶି ଜନସାଧାରଣଙ୍କୁ ଜଣା ନାହିଁ। ଏହା ଦ୍ୱାରା ଠିକାଦାର ସଂସ୍ଥା ମନମାନି କାଯ୍ୟ କରୁଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ସମୟରେ କୋଣସି ବିଭାଗୀୟ ଅଧିକାରୀ ରହୁନାହାନ୍ତି। ଏହି ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହୁଛନ୍ତି ଆମ ପାଖରେ ଷ୍ଟାଫ୍‌ଙ୍କ ଅଭାବ ଅଛି ଆମେ କ'ଣ କରିବୁ ବୋଲି କହୁଥିବା ଅଭିଯୋଗ ହୋଇଛି।

# ମହିଳା ସୁରକ୍ଷା ନିମନ୍ତେ ଅନ୍ତରୀଣ କମିଟି ଗଠିତ

ଧାମନଗର,୨୧।୧(ସମିସ): ଦେଶ ଓ ରାଜ୍ୟର ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଗଣଧର୍ଷଣ, ତୃତୀୟ ଲିଙ୍ଗୀଙ୍କ ପାଇଁ ଲିଙ୍ଗ ସଚେତନତା, ଯୌନ ଉତ୍ପୀଡନ (ନିରୋଧ, ପ୍ରତିକାର, ନିବାରଣ) ଏବଂ ସୁରକ୍ଷା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଚିଠି ନମ୍ବର ୧୪୬/୧୮.୨.୨୬ ନିର୍ଦ୍ଦେଶ ଅନୁସାରେ ଧାମନଗର ବିଚାରାଳୟର ଅନ୍ତରୀଣ କମିଟିରେ ଦୁଇ ଜଣ ମହିଳା ଜଣେ ସମାଜସେବୀଙ୍କୁ ଏକ କମିଟି



ଗଠନପ୍ରକ୍ରିୟାରେ ସଂଘ ତରଫରୁ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଧାମନଗର ଓକିଲ ସଂଘ ସଭାଗୃହ ପରିସରରେ ଓକିଲ ସଂଘର ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ରଞ୍ଜିତ ମହାନ୍ତିଙ୍କ ସମେତ ଓକିଲ ସଂଘର ସଭ୍ୟ ସଭ୍ୟାମାନେ ଉପସ୍ଥିତରେ ସର୍ବସମ୍ମତି କ୍ରମେ ଓକିଲ ସଂଘର ସଭ୍ୟା ମିନତୀ ମଲ୍ଲିକ, ମଧୁସ୍ମିତା ମହାପାତ୍ର ଓ ସମାଜସେବୀ ଭାବରେ ନାରାୟଣ ସାହାଣୀଙ୍କ ନାମ ସ୍ଥିର କରାଯାଇ ଧାମନଗର ବିଚାରପତିଙ୍କ ମାଧ୍ୟମରେ ଓଡ଼ିଶା ଉଚ୍ଚ ନ୍ୟାୟଳୟକୁ ଚିଠି ନମ୍ବର ୧୦୩/୨୧.୨.୨୬ ମାଧ୍ୟମରେ ଜଣାଇ ଦିଆଯାଇଛି ବୋଲି ପୂର୍ବତନ ସମ୍ପାଦକ ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

# ଇଂରାଜୀରେ ପରୀକ୍ଷା ଦେଲେ ୧୫୧୯ ଛାତ୍ରଛାତ୍ରୀ, ୪୯ ଅନୁପସ୍ଥିତ

ଭଣ୍ଡାରିପୋଖରୀ,୨୧।୨(ସମିସ): ଭଣ୍ଡାରିପୋଖରୀ ବ୍ଲକର ୯ଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନ ମାଟ୍ରିକ ପରୀକ୍ଷାର ମାତୃଭାଷାରେ ୧୪୯୬ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମୋଟ ୧୫୩୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୪ ଓ ୩୦ ଜଣ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଯଶୋଟିକିରି ହାଇସ୍କୁଲ କେନ୍ଦ୍ରରେ ୧୬୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଅନୁପସ୍ଥିତ ଅନୁପସ୍ଥିତ ଥିଲେ। ବିଶୋଳ-କୁଳଣା ମୈତ୍ରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ, ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୩୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮ ଅନୁପସ୍ଥିତ, ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୨୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ ଅନୁପସ୍ଥିତ, ନପଙ୍ଗ ଚଣ୍ଡିମାତା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୬୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଅନୁପସ୍ଥିତ, ମଞ୍ଜୁରୀରୋଡ ଜିପିୟୁ ଉଚ୍ଚ ବିଦ୍ୟାପୀଠ କେନ୍ଦ୍ରରେ ୧୩୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଅନୁପସ୍ଥିତ, ସରସଦା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୯୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦ ଅନୁପସ୍ଥିତ ଓ ବାଲିପୋଖରୀ ଶୁକଦେବଜେନା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିଲେ। ରହଣିଆ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ସମସ୍ତ ୧୪୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର ଷ୍ଟ୍ରଙ୍ଗରୁମରୁ ପଶ୍ନପତ୍ର ପୁଲିସ ସୁରକ୍ଷାରେ ୨ଟି ଭ୍ରାମ୍ୟମାଣ ଦଳ ବହନ କରି ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ସହ ପରୀକ୍ଷା ସରିବା ପରେ ଉତ୍ତର ଖାତା ବହନ କରି ଫେରି ଆସିଥିଲେ। ଅଭିଯୋଗ ଯୋଗୁଁ ଜିଲ୍ଲା ଶିକ୍ଷାଧିକାରୀ ବାରିକପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ର ଓ ପ୍ରଶାସନିକ ସ୍କ୍ୱାଡ ବିଭିନ୍ନ ପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ।

ଖରାଦିନେ ହେଉନି ସ୍ଥାୟୀ ବନ୍ୟା ପ୍ରତିକାର

# ବର୍ଷାଦିନେ ଦୁର୍ଦ୍ଦଶା ଭୋଗିବେ ହସନାବାଦବାସୀ

ଅସୁରାଳି,୨୧ ।୨(ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ, ଯାହା କୃଷି ପ୍ରଧାନ ଅଞ୍ଚଳ ଭାବେ ପରିଚିତ। ପ୍ରତିବର୍ଷ ବନ୍ୟାର ଦୁର୍ଦ୍ଦଶାରେ ପଡୁଛି। ଖରିଫ ଫସଲ ସହିତ ସବୁଜ ପନିପରିବା, ବାଦାମ, ମୁଗ, ବିରି ଚାଷ ଆଦିରୁ ଏହି ପଞ୍ଚାୟତରୁ ବହୁଳ ଆମଦାନୀ ହୋଇଥାଏ। କିନ୍ତୁ ବୈତରଣୀ ଓ କୋଚିଲା ନଦୀର ବନ୍ୟା ପ୍ରତିବର୍ଷ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଉଛି। ଗାନ୍ଧୀଘାଟ ସଙ୍ଗମସ୍ଥଳୀରେ ପ୍ରାୟ ୨୦୦ ମିଟର ମୁକୁଳା ପଡ଼ିଥିବାରୁ ବନ୍ୟା ଜଳ ସିଧାସଳଖ ହସନାବାଦ ପଂଚାୟତରେ ପ୍ରବେଶ କରୁଛି। ଅର୍ଜୁନପୁର, ଅନଲଡିହ, ତଳଅସ୍ତକ, ଉପରିଅସ୍ତକ, ଗୋପବନ୍ଧୁନଗର, ବନବାଗ, ମଠସାହି, ବାଲିପାଟଣା, ଶଇଲୋ, ମାମାଦୁଲା ଇତ୍ୟାଦି ଗ୍ରାମ ପ୍ରତିବର୍ଷ ପ୍ରଭାବିତ ହେଉଛି। କେବଳ ହସନାବାଦ ନୁହେଁ, ପାଳସାହି,



ବମକୁରା ଭଳି ପଂଚାୟତର ଗ୍ରାମଗୁଡ଼ିକ ମଧ ବନ୍ୟାରେ ଦୁର୍ଦ୍ଦଶାରେ ପଡୁଛନ୍ତି। ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଦ୍ୱାରା ସ୍ଥାୟୀ ବ୍ୟବସ୍ଥା ପାଇଁ ଯୋଜନା କରାଯାଇଥିଲେ ବି ତାହାର ରୂପାୟନ ହୋଇପାରିନାହିଁ। ଚାଷୀମାନେ କରଜ ଧାର କରି ଚାଷ କରୁଥିବା ସତ୍ତ୍ୱେ ପ୍ରତିବର୍ଷ ବନ୍ୟାରେ କ୍ଷତିଗ୍ରସ୍ତ ହେଉଛନ୍ତି।ଏବେ ପ୍ରଶାସନିକ ସ୍ତରରେ ସ୍ଥାୟୀ ପ୍ରତିକାର ପାଇଁ ତତ୍ପରତା ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ଆଶା - ଖୁବ୍‌ଶୀଘ୍ର ବନ୍ୟା ପ୍ରତିକାରର ସ୍ଥାୟୀ ସମାଧାନ ହେବ। କିନ୍ତୁ ୪ମାସ ପରେ ପୁଣି ବର୍ଷା ଋତୁ ଆସିବାକୁ ଥିବାରୁ, ଏବେଠୁ ସଜାଗ ହେବା ଆବଶ୍ୟକ। ନହେଲେ ପୁଣିଥରେ ହସନାବାଦ ପଞ୍ଚାୟତବାସୀଙ୍କୁ ବନ୍ୟାର ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ବୋଲି ମତପ୍ରକାଶ ପାଉଛି।

